

# SRI SRI NRUSINGHNATH TEMPLE

INDEX NO 1406/8NS AT- DURGAPALI, PO-PAIKMAL, DIST- BARGARH—PH NO 06684-250514
Web- www.nrusinghanathtemple.in e-mail id- srisrinrusinghanathtemple@gmail.com



Letter no....166 (3)....  Date..23.9.17

ଶ୍ରୀମାନ ଅତିରିକ୍ତ ସହକାରୀ ହିନ୍ଦୁ ଦେବୋତ୍ତର କମିଶନର ସମ୍ବଲପୁର ଙ୍କ ଆଦେଶ ନମ୍ବର ୧୧୧୧/୨୧.୦୯.୧୭ ଅନୁଯାଇ,

ଏତଦ୍ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁ ଙ୍କ ପାଇକମାଳ ମୌଜା ସ୍ଥିତ ଜମି ମୂଖ୍ୟ ରାସ୍ତା ପାର୍ଶ୍ୱରେ ୮ ଗୋଟ ଦୋକାନ ଗୃହ ନିର୍ମାଣ ହୋଇଅଛି, ଉକ୍ତ ଦୋକାନ ଗୃହ ଗୁଡ଼ିକୁ ଲିଜ ସୂତ୍ରେ (ଭଡ଼ା) ରେ ଦେବା ପାଇଁ ସ୍ଥିର କରାଯାଇଛି । ଦୋକାନ ଗୃହ କୁ ଭଡ଼ା ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଆସନ୍ତା ତା. ୦୩/୧୦/୨୦୧୭ ରିଖ ସକାଳ ୧୧ ଟା ସମୟ ରେ ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ କରି ଲିଜ ରେ ଅଂଶ ଗ୍ରହଣ କରିପାରିବେ । ଦୋକାନ ଗୃହ ର ଭଡ଼ା ଓ ଲିଜ ର ନିଯମାବଳୀ ଜାଣିବା ପାଇଁ ମନ୍ଦିର କାର୍ଯ୍ୟଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ମନ୍ଦିର ୱେବ ସାଇଟ http://nrusinghanathtemple.in/ OTHER /TenderandQuotation ରେ ଦେଖନ୍ତୁ ।

23/9/17

କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର
Executive Officer
Sri Sri Nrusinghnath Temple



# SRI SRI NRUSINGHNATH TEMPLE

INDEX NO 1406/8NS AT- DURGAPALI, PO-PAIKMAL, DIST- BARGARH—PH NO 06684-250514

Web- www.nrusinghanathtemple.in e-mail id- srisrinrusinghanathtemple@gmail.com


Letter no...................... 11 Date............

ସର୍ତ୍ତ ଓ ନିୟମାବଳୀ:-

୧। ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ତରଫରୁ ନବ ନିର୍ମିତ ଦୋକାନ ଗୃହ କୁ ଲିଜ ସୂତ୍ରେ ନେବାକୁ ଇଚ୍ଛୁକ ବ୍ୟକ୍ତି ଦୋକାନ ଗୃହ ପ୍ରତି ଅମାନତ ବାବଦକୁ ଟ.୫୦,୦୦୦/- (ପଚାଶ ହଜାର ମାତ୍ର ) ର ବ୍ୟାଙ୍କ ଡ୍ରାଫ୍ଟ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁ ଙ୍କ ନାମରେ କରି ଲିଜ ରେ ଅଂଶ ଗ୍ରହଣ କରିବେ, ବିନା ଡ୍ରାଫ୍ଟ ରେ ଅମାନତ ଗ୍ରହଣ କରାଯିବ ନହିଁ । ଲିଜ ରେ ଅଂଶ ଗ୍ରହଣ କରିବା ପାଇଁ ୫୦୦୦/- ଟଙ୍କା ଅମାନତ ଜମା କରିବେ । ଯାହା କି ଉକ୍ତ ଅମାନତ ଟଙ୍କା ଫେରସ୍ତ ହୋଇ ପାରିବ ।

୨। ଦୋକାନ ଗୃହ କୁ ଭଡା ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ମାସିକ ଭଡ଼ା ଦୋକାନ ପ୍ରତି ଟ.୨୦୦୦/-(ଦୁଇ ହଜାର) ମାସକୁ ମାସ ଜମା କରିବେ, ୩ ମାସ ରୁ ଉର୍ଦ୍ଧ ଜମା ନ ଦେଲେ, ଅମାନତ ଟଙ୍କା ରୁ ଭରଣ କରାଯାଇ ଏଗ୍ରୀମେଣ୍ଟ କୁ ରଦ୍ଧ କରି ଦୋକାନ ଗୃହ ରୁ ବାହାର କରିଦିଆଯିବ, ଅବଶିଷ୍ଟ ଅମାନତ ଟଙ୍କା ବ୍ୟାଯାପ୍ତ ରଖାଯିବ ।

୩। ଦୋକାନ ଗୃହ ର ଏଗ୍ରୀମେଣ୍ଟ ୪ ବର୍ଷ ପାଇଁ ହେବ ଏବଂ ଏଗ୍ରୀମେଣ୍ଟ ଖର୍ଚ୍ଚ ଦୋକାନୀ ନିଜେ ବହନ କରିବେ ।

୪। ଯେଉଁ ବ୍ୟକ୍ତି ଅମାନତ ଓ ମାସିକ ଭଡ଼ା ଧାର୍ଯ୍ୟ ମୂଲ୍ୟ ଠାରୁ ଅଧିକ ଜମା ଦେବେ, ତାଙ୍କୁ ଅଗ୍ରାଧିକାର ଦିଆଯିବ, ଜଣେ ବ୍ୟକ୍ତି ଗୋଟିଏ ଦୋକାନ ରୁ ଅଧିକ ଦୋକାନ ଗୃହ ନେଇ ପାରିବେ ନାହିଁ ।

୫। ଦୋକାନ ଗୃହ ଭଡ଼ା ରେ ନେଇଥିବା ବ୍ୟକ୍ତି ଦୋକାନ ରେ କୋଣସି ପ୍ରକାର ନିଶା ଦ୍ରବ୍ୟ କିମ୍ବା ଆପତ୍ତି ଜନିତ ଜିନିଷ ବିକ୍ରି କରିବା ନିଷେଧ ଅଟେ ।

୬। ଭଡ଼ା ସୂତ୍ରେ ନେଇ ଥିବା ବ୍ୟକ୍ତି ଦୋକାନ ର ବିଦ୍ୟୁତ ବିଲ ନିଜେ ପଇଠ କରିବେ । ଏବଂ ରଙ୍ଗ ମଧ୍ୟ ନିଜେ କରିବେ ।

୭। ମନ୍ଦିର ଟ୍ରଷ୍ଟ ର ବୀନା ଆନୁମତି ରେ ଦୋକାନ ଗୃହ ର କୌଣସି ପ୍ରକାର କ୍ଷୟକ୍ଷତି କରିପାରିବେ ନାହିଁ ।

୮। ଭଡ଼ା ସୂତ୍ରେ ନେଇ ଥିବା ବ୍ୟକ୍ତି ମନ୍ଦିର ର ସମସ୍ତ ନୀତି ନିୟମ ମନି ଚଳିବେ ଏବଂ ଜନସାଧାରଣ କୌଣସି ଆପତ୍ତି ଅଭିଯୋଗ କରିବା ଭଳି କାର୍ଯ୍ୟ କରିବେ ନାହିଁ , ସବୁ ବେଳେ ଶୃଙ୍ଖଳା ରକ୍ଷା କରି ଚଳିବେ ।

୯। ଭଡ଼ା ସୂତ୍ରେ ନେବାକୁ ଥିବା ବ୍ୟକ୍ତି ଆଧାର କାର୍ଡ, ଭୋଟର ପରିଚୟ ପତ୍ର ର କପି ଓ ପାସପୋର୍ଟ ଫୋଟୋ ଆଦି ଜମା କରିବେ ।

୧୦। ଲିଜ ର ସ୍ଥିରକୃତ ତାରିଖ ଓ ସମୟ ରେ ଉପସ୍ଥିତ ନ ରହିଲେ ପରେ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନହିଁ ।

୧୧। ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ମନ୍ଦିର ଲିଜ ଅଧିକାରୀ ଲିଜ ବାତିଲ କରି ପାରିବେ ।

23/7/17

କାର୍ଯ୍ୟନିର୍ବାହୀ ଅଧିକାରୀ

ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର

Executive Officer

Sri Sri Nrusinghnath Temple